- ଖାଇବାକୁ ବସିବାପୂର୍ବରୁ ଆସନର ବ୍ୟବହାର କରିବେ ।
- ଖାଇବା ସମୟରେ ପାଖରେ ପାଣି ରଖିବେ
- ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବେ
- ଦିନ ମଧ୍ୟରେ ନିଶ୍ଚିତ ଭାବେ ୫-୬ଲିଟର ପାଣି ପିଇବେ ।
- ବିଦ୍ୟାଳୟକୁ ଯିବାବେଳେ ଜୋତା, batch, tie ପିନ୍ଧି ଯିବେ ।
- ବହିଗୁଡିକୁ ବ୍ୟାଗରେ ନେଇଯିବେ ।
- ସକାଳ, ସନ୍ଧ୍ୟା ଓ ଶୋଇବାପୂର୍ବରୁ ପ୍ରାର୍ଥନା କରିବେ
- ଅନ୍ୟାନ୍ୟ କାର୍ଯ୍ୟାବଳୀ ଯାହା ଗୋଟେ ଉତ୍ତମ ବାଳିକା କରିବା ଆବଶ୍ୟକ ତାହା କରିବେ ।
- ନିଜେ ଶିକ୍ଷାଦାନ କରିବେ ଓ ସାମୟିକ ଶିକ୍ଷକଙ୍କ ଶିକ୍ଷାଦାନକୁ ପିଲା କି ଭଳି ଗ୍ରହଣ କରୁଛି ଲକ୍ଷ୍ୟ କରିବେ ।
- ଶିକ୍ଷାଦାନ ସମୟରେ ପିଲାଙ୍କ ପ୍ରତି ସମାନ ମନେଭାବ ପୋଷଣ କରିବେ ।
- ପିଲାଙ୍କୁ ବିରକ୍ତ ହେବେ ନାହିଁ ।
- ଯଥେଷ୍ଟ ଶିକ୍ଷଣ ସାମଗ୍ରୀ ଓ କାର୍ଯ୍ୟଫର୍ଦ୍ଦର ବ୍ୟବହାର କରିବେ ।
- ପିଲାର ଶିକ୍ଷଣ ସ୍ତରରୁ ଠିକ ଭାବେ Part time ଶିକ୍ଷକଙ୍କ ସହାୟତାର ନିରୂପଣ କରିବେ ।
- ପିଲାର ସହ ଶିକ୍ଷଣ କାର୍ଯ୍ୟର ଦକ୍ଷତା ସମସ୍ତ କାର୍ମଚାରୀଙ୍କ ସହାୟତାରେ ଚିହ୍ନଟ କରିବେ ।
- ସହ ଶିକ୍ଷଣକାର୍ଯ୍ୟର ଅଗ୍ରଗତି ନିମନ୍ତେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ।
- ପିଲାଙ୍କୁ ଖେଳ, କ୍ୱିଜ୍, ଡିବେଟ୍, ରଚନା ଡ୍ରଇଁ ପ୍ରତିଯୋଗିତାରେ ଭାଗ ନେବାପାଇଁ ଉତ୍ସାହ ପ୍ରଦାନ କରିବେ ।
- ପିଲାଙ୍କର Personal File maintain କରିବେ ।
- ବ୍ୟକ୍ତିଗତ ଆଗ୍ରହ, ଅନାଗ୍ରହକୁ ଲକ୍ଷ୍ୟକରି ତାର ଚିକିତ୍ସା କରାଯିବ ।
- Libraryରେ ପଠନ ଓ Computer ଶିକ୍ଷାପ୍ରତି ଆଗ୍ରହ ଆଣିଲାଭଳି ପରିବେଶ ସୃଷ୍ଟି କରିବେ ।
- ରୋଗ ହେଲେ ମାଆ ଭଳି ସେବା କରିବେ ଓ କରାଇବେ ।
- ଡାକ୍ତରଙ୍କ ପାଖକୁ ନେବେ ।
- ଖେଳ ସମୟରେ ଉପସ୍ଥିତ ରହିବେ ।
- ଚାରିତ୍ରିକ ଗଠନ ପାଇଁ ଗପ/ ଉପଦେଶ ଦେବେ ।
- ମାଆ ଭଳି ସ୍ନେହ, ଭଉଣୀ ଭଳି ସାଙ୍ଗଟିଏ ହେବେ ।

Register to be Maintained by Warden

- Daily Consumption register
- Attendance of Staff and student Register
- Consumable distribution register
- Sanitary Pad Register
- Medical Register
- Personal Medicine chart with Drafts Prescription
- Visiting register

Ashok Kumar Pattnaik (OAS-I)
Deputy Director(Administration)
OPEPA, Bhubaneswar

# କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର କର୍ମଚାରୀଙ୍କ ଭୂମିକା ଓ ଦାୟିତ୍ୱ

## ୱାର୍ଡେନ୍ (Warden)

ଘରେ ଗୃହକର୍ତ୍ତ୍ରୀଙ୍କ ଭୂମିକା – ୱାର୍ଡେନ ଭୂମିକା

ଆବାସିକ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ କାର୍ଯ୍ୟ ତଦାରଖ / ସମନ୍ୱୟ/ ଦକ୍ଷତାବୃଦ୍ଧି

| ଆବାସିକ ବିଦ୍ୟାଳୟ ପରିଷ୍କାର ପରିଚ୍ଛନତା - | କୋଠରି | ରୋଷେଇ ସାମଗ୍ରୀ |
|---|---|---|
| | ଡଷ୍ଟବିନ୍ | ନାଳ |
| | ଶୌଚାଳୟ | ପାଣିକୁଣ୍ଡ |

ପିଲାଙ୍କର ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନତା

⇨ ସାବୁନ୍ ଓ ସାମ୍ପୁର ବ୍ୟବହାର ଓ ତାର ରକ୍ଷଣାବେକ୍ଷଣ

⇨ ଚପଲ ଓ ଜୋତାର ବ୍ୟବହାର ଓ ତାର ରକ୍ଷଣାବେକ୍ଷଣ

⇨ ପରିସ୍ରାଗାର ଓ ପାଇଖାନାର ବ୍ୟବହାର

⇨ ନିଜ ଜିନିଷ ପତ୍ର ସଜାଡି ରଖିବା

⇨ ଦାନ୍ତ ଘଷା ବ୍ରସ୍, ଜିଭ ଛେଲା ଓ ପେଷ୍ଟ ବ୍ୟବହାର

⇨ ନଖକଟାର ବ୍ୟବହାର

⇨ ସାନିଟାରୀ ପେଡର ବ୍ୟବହାର ଓ ତାକୁ ନିଷ୍କାସନ

⇨ ପୋଷାକ ପତ୍ର ସଫା ଓ ତାର ଯତ୍ନ

⇨ ଶୋଇବା ପୂର୍ବରୁ ମଶାରୀ ଓ ବିଛଣାର ବ୍ୟବହାର

⇨ ଡଷ୍ଟବିନର ବ୍ୟବହାର

⇨ କମ୍ପୋଷ୍ଟ ପିଟର ବ୍ୟବହାର

⇨ ପାଣି ପାଇପର ବ୍ୟବହାର

⇨ ଲାଇଟ୍ ସୁଇଚ୍ ଓ ପଙ୍ଖାର ବ୍ୟବହାର

⇨ ମଶା ଧୂପ ଓ ଝୁଣାର ବ୍ୟବହାର

⇨ ମାଦକ ଦ୍ରବ୍ୟର ସେବନ ନିଷେଧ

**ଶୃଙ୍ଖଳାଜ୍ଞାନ ଶିକ୍ଷା**

⇨ ସକାଳେ ବିଛଣା ଛାଡିବାଠାରୁ ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକ କାମ ସମୟାନୁସାରେ ଶୃଙ୍ଖଳିତ ଭାବେ କରିବେ ।

⇨ ଅତିଥି ଆସିଲେ ତାଙ୍କୁ ନମସ୍କାର / ପ୍ରଣାମ/ Good Morning / Good evening ମାତ୍ର ଏହା ଦଳବଦ୍ଧ ହୋଇ କରିବେ ନାହିଁ । ଯିଏ ଯେତେବେଳେ ଭେଟିବ ସେତିକିବେଳେ କରିବ । ଆଉ ଶ୍ରେଣୀକୁ ଅତିଥି ପ୍ରବେଶ କଲେ ସମୂହ ଭାବେ ନମସ୍କାର / Good Morning/ Good evening କୁହାଯିବ ।

⇨ ଖାଦ୍ୟ ଖାଇବା ପୂର୍ବରୁ ଓ ପରେ ସାବୁନ ବ୍ୟବହାର କରିବେ ।

⇨ ଖାଦ୍ୟ ଖାଇବା ସମୟରେ ପରସ୍ପର କଥାବାର୍ତ୍ତା କରିବେ ନାହିଁ ।

Ashok Kumar Pattnaik (OAS-A)
Deputy Director(Administration)
OPEPA, Bhubaneswar

⇨ Entry Register

⇨ Home going register

⇨ Health Hygiene

⇨ Day school or boarders ମଧ୍ୟରେ ପ୍ରଭେଦ ଦେଖାଦେଲେ/ ବିଶୃଙ୍ଖଳା ହେଲେ Head Master ସମସ୍ତଙ୍କ noticeକୁ ଆଣିବେ, ଏଥିପାଇଁ Register Maintain କରିବେ । ସର୍ବୋପରି ପିଲାଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବେ । ସୁରକ୍ଷାର ପ୍ରଶ୍ନ ଆସିଲେ ପ୍ରଧାନଶିକ୍ଷକ ହୁଅନ୍ତୁ ବା ଉପରିସ୍ଥ କର୍ମଚାରୀ ହୁଅନ୍ତୁ ତାଙ୍କ ବିରୋଧରେ ପଦକ୍ଷେପ ନେବେ । ଶିଶୁ ଅଧିକାର ଗୁଡିକର ସୁରକ୍ଷା ନିମନ୍ତେ ଶିଶୁଅଧିକାର ଅଧିନିୟମ ୨୦୦୯ରେ ଦର୍ଶାଯାଇଥିବା ନିୟମଗୁଡ଼ିକୁ କଡାକଡି ଭାବେ ପାଳନ କରିବା ।

KGBV ଏକ ଅନୁଷ୍ଠାନ ନୁହେଁ, ଏହା ଏକ ପରିବାର ଯେଉଁ ପରିବାରର ମୁଖ୍ୟ ହେଉଛନ୍ତି ପ୍ରଧାନ ଶିକ୍ଷକ ଏବଂ ଯାହାର କର୍ତ୍ତା ହେଉଛନ୍ତି Warden । ପରିବାର ସଦସ୍ୟ ହେଉଛନ୍ତି ଶିକ୍ଷକ/ ଶିକ୍ଷୟିତ୍ରୀ/ ସାମୟିକ ଶିକ୍ଷକ/ ତଥା କର୍ମଚାରୀ ବୃନ୍ଦ ଏବଂ ୧୦୦ ଜଣ କସ୍ତୁରୀ କନ୍ୟା । ସମସ୍ତଙ୍କର ମିଳିତ ଉଦ୍ୟମ ରହିଲେ ସେହି ନାଭି ଦେଶରୁ କସ୍ତୁରୀ ନିଶ୍ଚିତ ତାର ସୁବାସ ବିତରଣ କରିବ ।

⇨ Monthly Test ର questionର copy (VI, VII, VIII) ଶିକ୍ଷକମାନଙ୍କଠାରୁ ଆଣି ସଂଗ୍ରହ କରି ରଖିବେ ।

⇨ Monthly Test Result PTT/ ଅଭିଭାବକମାନଙ୍କ ସହିତ Share କରିବେ ଏବଂ ଆବଶ୍ୟକ ସ୍ଥଳେ ପିଲାଙ୍କସହ ପୁନଃ ବଣ୍ଟନ କରିପାରନ୍ତି ।

⇨ Wardenଙ୍କ ବିନାନୁମତିରେ କେହି ପିଲାଙ୍କୁ ସାକ୍ଷାତ କରିପାରିବେ ନାହିଁ ।

⇨ ବିଦ୍ୟାଳୟ ପରିଚାଳନା କମିଟିରେ ୱାର୍ଡେନ ଅଂଶ ଗ୍ରହଣ କରିବେ ।

⇨ ପିଲାଙ୍କୁ ଆବଶ୍ୟକ ମୁତାବକ ଖାଦ୍ୟ ସାମଗ୍ରୀ / ନିତ୍ୟ ବ୍ୟବହାର୍ଯ୍ୟ ଜିନଷ ଓ ଲିଖନ ପଠନ ସାମଗ୍ରୀ ଯୋଗାଇବେ ।

⇨ ହଷ୍ଟେଲ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ।

Teacher/ Part time teacher (ଶିକ୍ଷକ) :

⇨ ଶିକ୍ଷକ/ ଶିକ୍ଷୟିତ୍ରୀ ପିତୃ ସୁଲଭ / ମାତୃ ସୁଲଭ ଆଚରଣ ପ୍ରଦର୍ଶନ କରିବେ ।

- Entry point Behaviour Test ପୂର୍ବରୁ ପିଲାଙ୍କ ସହ ମିଶିବେ ଏବଂ ତାଙ୍କର ଅଭାବ ଅସୁବିଧା ଗୁଡିକ ଜାଣିବେ (ସୁବିଧା / ଅସୁବିଧା / ଲିଖନ/ କଥନ)

⇨ ପିଲାଙ୍କ hobby ସମ୍ବନ୍ଧରେ ଜାଣିବା ।

⇨ ସହଶିକ୍ଷଣ ବିଷୟଗୁଡିକ ପ୍ରତି ଆଗ୍ରହ ସମ୍ବନ୍ଧରେ ଜାଣିବା ଓ ଏହାଜାଣି ସେ ବିଷୟ ଉପରେ ଅଧିକ ଗୁରୁତ୍ୱାରୋପ କରିବେ ।

⇨ ପିଲାଙ୍କ ସହ ଖେଳ ସମୟରେ ଖେଳିବା

⇨ ପିଲାଙ୍କ ଉପଯୁକ୍ତ ବନ୍ଧୁଟିଏ ହେବା ।

⇨ ପିଲାଙ୍କର ଦୈନନ୍ଦିନ କାର୍ଯ୍ୟ ଓ ଆଚରଣଗତ ତ୍ରୁଟିର ସଂଶୋଧନ ନିମନ୍ତେ ୱାର୍ଡେନ, ପିଅନଙ୍କ ସହ ମିଳିତ ଭାବେ କାର୍ଯ୍ୟ ପିଛା ଗ୍ରହଣ କରିବା ।

⇨ ଭିଭିନ୍ନ ସହ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବେ । Wardgame, ଅନ୍ତାକ୍ଷରୀ, ଚିତ୍ରାଙ୍କନ, ଖେଳ ଇତ୍ୟାଦି ।

⇨ ସହ ଶିକ୍ଷଣ ବିଷୟକୁ ଶିକ୍ଷାଦାନ ସହ ସଂଯୋଗ କରିବା ।

⇨ Entry Behaviour test କରିବା (ବିଦ୍ୟାଳୟ ଛାତ୍ରଛାତ୍ରୀ + ଅନ୍ତେବାସୀ)

⇨ Test ଅନୁଯାୟୀ ଦଳଗଠନ କରି ବିଦ୍ୟାଳୟ ସମୟରେ ଶିକ୍ଷାଦାନରେ ସହଯୋଗ କରିବା ।

⇨ PTTଙ୍କ ମଧ୍ୟରେ ବିଷୟ ବଣ୍ଟାଯିବ ।

⇨ ଅଧିକ ପରିମାଣରେ ବହି/ ମାଗାଜିନ୍ ଇତ୍ୟାଦିର ସହାୟତା ନେବା ।

⇨ ନିଜେ Library books ପଢ଼ିବା ଓ ପିଲାଙ୍କୁ ପଢ଼ାଇବା ।

⇨ ପିଲାଙ୍କ Note Book regular check କରିବେ ଓ ଭୁଲ୍ ତ୍ରୁଟି ସଂଶୋଧନ କରିବ ।

⇨ Personal File Maintainରେ Wardenଙ୍କୁ ସହାୟତା ଦେବା ।

⇨ Monthly Progress report maintain କରିବା ।

⇨ ବିଶେଷ ଦିନର ପାଳନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ/ Warden/ଶିକ୍ଷକ ଶିକ୍ଷିକା/ students Representativeଙ୍କୁ ନେଇ ପ୍ରସ୍ତୁତ କରିବା ।

⇨ ବାର୍ଷିକ Activity Calendar ପ୍ରସ୍ତୁତି କରି ତାକୁ କାର୍ଯ୍ୟକାରୀ କରିବା । ଏଥିରେ H.M./Warden/ School Teacherଙ୍କୁ ସାମିଲ କରିବା ।

⇨ ସକାଳ ଓ ସନ୍ଧ୍ୟାରେ Part Time Teacherମାନେ ବିଦ୍ୟାଳୟର Home taskକୁ Practice କରାଇବେ/ ପାଠରେ ଦୁର୍ବଳ ଛାତ୍ରୀମାନଙ୍କର ପ୍ରତିକାର ମୂଳକ (remedial) ଶିକ୍ଷା ପ୍ରଦାନ କରିବେ ।

⇨ ଦେହ ଖରାପ ହେଲେ ସେବିକାର ଭୂମିକା ମଧ୍ୟ ତୁଲାଇବେ ।

⇨ ଶିକ୍ଷା ଓ ଶିକ୍ଷଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ।

⇨ ଏତଦଭିନ୍ନ ଆବଶ୍ୟକସ୍ଥଳେ ପ୍ରଧାନ ଶିକ୍ଷକ ଏବଂ Warden ଯାହା କାର୍ଯ୍ୟ ଦେବେ ସେଥିରେ ସହଯୋଗ କରିବେ ।

## Cook/ Asst. Cook

⇨ ଖାଦ୍ୟ ମେନୁକୁ ଲକ୍ଷ୍ୟ କରି ଆବଶ୍ୟକ ଜିନିଷର ତାଲିକା ୱାର୍ଡେନଙ୍କୁ ପ୍ରଦାନ କରିବେ ।

⇨ ୱାର୍ଡେନ / ପ୍ରଧାନ ଶିକ୍ଷକଙ୍କ ପରାମର୍ଶରେ ସାମଗ୍ରୀ ଅଣାଇବେ ।

⇨ ଚାଉଳ, ଡାଲି, ତେଲ ଆବଶ୍ୟକନୁଯାୟୀ ଓଜନ କରି କାଢ଼ିବେ ।

⇨ ଚାଉଳକୁ ପାଛୁଡି ବା ବାଛି ତା ଦେହରୁ ଗୋଡି ବାହାର କରିବେ ।

⇨ ପରିବା କାଟିବେ ଓ ପରିବାକୁ ଭଲଭାବେ ସଫାପାଣିରେ ଧୋଇବେ ।

⇨ ମସଲା ବାଟିବେ ।

⇨ Head Cook ରୋଷେଇ କଲାବେଳେ ଆବଶ୍ୟକ ପଡିଲେ ରୋଷେଇରେ ସାହାଯ୍ୟ କରିବେ ।

⇨ ରୋଷେଇ ଘର ଓ ବାସନ ସଫା କରିବେ ।

⇨ ପିଲାଙ୍କୁ ଖାଦ୍ୟ ପରିବେଷଣ ପୂର୍ବରୁ ବାରଣ୍ଡାକୁ ଝାଡୁ ମାରି ଆସନ ପକାଇବେ ।

⇨ ପିଲାଙ୍କୁ ବସାଇ ଖାଦ୍ୟ ପରିବେଷଣ କରିବେ ଓ ୨ୟ ଥର ଦେହି ମାଗିଲେ ପାଖରେ ନେଇ ଦେ[illegible]

Ashok Kumar [illegible]
Deputy Director [illegible]
OPEPA, Bhubaneswar

- ⇨ ପିଲାଙ୍କୁ ପାନୀୟ ଜଳ ଯୋଗାଇବେ (ଖାଇବା ସମୟରେ)
- ⇨ ପିଲା ଖାଇସାରିଲେ ବାରଣ୍ଡା ଧୋଇଦେବେ ।
- ⇨ ସପ୍ତାହରେ ଥରେ ପିଲାଙ୍କ ବାସନକୁ ଗରମ ପାଣିରେ ଧୋଇବା ।
- ⇨ ରୋଷେଇ ବର୍ଜ୍ୟବସ୍ତୁ (ପରିବା ଚୋପା, ପେଜ) କୁ ଦୂରରେ ଖାତରେ ଫୋପାଡିବା ।
- ⇨ ରୋଷେଇ ଘରର ନାଳ ସଫାରଖିବା ।
- ⇨ ଖରାଦିନେ ପିଲାଙ୍କୁ ପାଣି/ ORS/ ସରବତ ଯୋଗାଣରେ ପିଅନ ସହ ମିଳିତଭାବେ କାର୍ଯ୍ୟ କରିବା ।
- ⇨ ପିଅନର ଅନୁପସ୍ଥିତିରେ ପିଅନର କାର୍ଯ୍ୟ କରିବା ।
- ⇨ ଆବଶ୍ୟକ ସ୍ଥଳେ ଶିକ୍ଷାଦାନ କରିବା ।
- ⇨ ଏତଦବ୍ୟତୀତ ପ୍ରଧାନ ଶିକ୍ଷକ ଓ Warden ଆବଶ୍ୟକ ସ୍ଥଳେ ଯେଉଁ କାର୍ଯ୍ୟ କରିବାକୁ ଦେବେ ତାହା କରିବେ ।